# NATIONAL NEWS BULLETIN (ODIA)

**12 July- 2025**

**Mid Bulletin : 1.50 p.m.**

## ମୁଖ୍ୟ ସମ୍ବାଦ

- ୫୧ ହଜାରରୁ ଅଧିକ ନବନିଯୁକ୍ତଙ୍କୁ ନିଯୁକ୍ତିପତ୍ର ପ୍ରଦାନ କଲେ ପ୍ରଧାନମନ୍ତ୍ରୀ
- ଥିରୁବନନ୍ତପୁରମ୍‌ଠାରେ ବିଜେପିର ରାଜ୍ୟ ନୂତନ କାର୍ଯ୍ୟାଳୟକୁ ଉଦ୍‌ଘାଟନ କଲେ ସ୍ୱରାଷ୍ଟ୍ରମନ୍ତ୍ରୀ
- କେନ୍ଦ୍ରୀୟ ଅନୁଦନା ରାଶିକୁ ପୂର୍ଣ୍ଣ ବିନିଯୋଗ କରି ମେଘାଳୟ ଏହାର ଦକ୍ଷତା ପ୍ରତିପାଦାନ କରିଛି, କହିଲେ ଅର୍ଥମନ୍ତ୍ରୀ
- ଆତଙ୍କବାଦ ବିରୋଧୀ ପଦକ୍ଷେପରେ ୨୬ଟି ଦେଶକୁ ସାମିଲ କରି ଭାରତ ଏ ଦିଗରେ ପ୍ରକାଶ କରିଛି ନିଜର ପ୍ରତିବଦ୍ଧତା

ଏବଂ

- ଲର୍ଡସ୍ ଟେଷ୍ଟର ତୃତୀୟ ଦିନରେ ଆଜି ଭାରତ ତା'ର ପ୍ରଥମ ଇନିଂସ ସ୍କୋର ୩ ୱିକେଟ୍‌ରେ ୧୪୫ ରନ୍‌ରୁ ଆରମ୍ଭ କରିବ ବ୍ୟାଟିଂ ।

## ପିଏମ୍-ରୋଜଗାର ମେଳା

ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀ କହିଛନ୍ତି, ରୋଜଗାରମେଳା ଯୁବପିଢ଼ିଙ୍କୁ ସଶକ୍ତ କରିବାକୁ ସରକାରଙ୍କ ପ୍ରତିବଦ୍ଧତାକୁ ପ୍ରତିଫଳିତ କରୁଛି । ଏହି ଯୁବପିଢ଼ି ବିକଶିତ ଭାରତ ଗଠନରେ ସହାୟକ ହେବେ ବୋଲି ପ୍ରଧାନମନ୍ତ୍ରୀ କହିଛନ୍ତି । ସେ କହିଛନ୍ତି, ଭାରତର ଦୁଇଟି ଅସୀମ

ଶକ୍ତି ହେଉଛି- ଏହାର ଜନସଂଖ୍ୟା ଏବଂ ଅନ୍ୟଟି ଗଣତନ୍ତ୍ର । ଭିଡ଼ିଓ କନଫରେନ୍ସିଂ ମାଧ୍ୟମରେ ବିଭିନ୍ନ ବିଭାଗରେ ନବନିଯୁକ୍ତ ଯୁବାମାନଙ୍କୁ ୫୧ ହଜାରରୁ ଅଧିକ ନିଯୁକ୍ତିପତ୍ର ବଣ୍ଟନ କରିବା ଅବସରରେ ପ୍ରଧାନମନ୍ତ୍ରୀ ତାଙ୍କ ଅଭିଭାଷଣରେ ଏହା କହିଛନ୍ତି । ନୂତନ ନିଯୁକ୍ତି ପାଇଥିବା ଯୁବକମାନଙ୍କୁ ଅଭିନନ୍ଦନ ଜଣାଇ ଶ୍ରୀ ମୋଦୀ କହିଛନ୍ତି, ସରକାରଙ୍କର ରୋଜଗାର ମେଳା ଆୟୋଜନ ଯୋଗୁଁ ଲକ୍ଷଲକ୍ଷ ଆଶାୟୀ ଯୁବକ କେନ୍ଦ୍ର ସରକାରଙ୍କ ସ୍ଥାୟୀ ଚାକିରି ପାଇପାରିଛନ୍ତି । ଏହି ଯୁବକମାନେ ଏବେ ରାଷ୍ଟ୍ର ନିର୍ମାଣରେ ପ୍ରମୁଖ ଭୂମିକା ଗ୍ରହଣ କରୁଛନ୍ତି ବୋଲି ସେ କହିଛନ୍ତି । ଦେଶରେ ବିକଶିତ ହେଉଥିବା ଷ୍ଟାର୍ଟଅପ୍, ନବସୃଜନ ଓ ଗବେଷଣା ଉପରେ ପର୍ଯ୍ୟବେସିତ ଇକୋସିଷ୍ଟମ୍ ଯୁବପିଢ଼ିଙ୍କ ଦକ୍ଷତା ବୃଦ୍ଧି କରୁଛି ବୋଲି ପ୍ରଧାନମନ୍ତ୍ରୀ କହିଛନ୍ତି :

**V/O (PM-Startup)**

ଦେଶର ୪୭ଟି ସ୍ଥାନରେ ଷୋଡ଼ଶ ରୋଜଗାର ମେଳା ଅନୁଷ୍ଠିତ ହୋଇଥିଲା । ଏପର୍ଯ୍ୟନ୍ତ ରୋଜଗାର ମେଳା ଅଧୀନରେ ୧୦ଲକ୍ଷରୁ ଅଧିକ ନିଯୁକ୍ତିପତ୍ର ବଣ୍ଟାଯାଇଥିବା ପ୍ରଧାନମନ୍ତ୍ରୀ କହିଛନ୍ତି ।

# ଶାହା-କେରଳ ଭିଜିଟ୍

ସ୍ୱରାଷ୍ଟ୍ରମନ୍ତ୍ରୀ ତଥା ବରିଷ୍ଠ ବିଜେପି ନେତା ଅମିତ ଶାହା ଥିରୁଅନନ୍ତପୁରମ୍‌ରେ ଆଜି ବିଜେପିର ନୂତନ ରାଜ୍ୟ ମୁଖ୍ୟାଳୟକୁ ଉଦ୍‌ଘାଟନ କରିଛନ୍ତି । ଏହି ଅବସରରେ ଶ୍ରୀ ଶାହା କହିଛନ୍ତି :

**V/O**

ଶ୍ରୀ ଶାହା’ ସେଣ୍ଟ୍ରାଲ୍ ହଲ୍‌ସ୍ଥିତ ନୂତନ କୋଠାରେ ପୂର୍ବତନ ବିଜେପି ରାଜ୍ୟ ସଭାପତି କେଜି ମରାରଙ୍କ ବ୍ରୋଞ୍ଜ ପ୍ରତିମୂର୍ତ୍ତି ଉନ୍ମୋଚନ କରିବା ସହ କାର୍ଯ୍ୟାଳୟ ପରିସରରେ ଚାରା ରୋପଣ କରିଛନ୍ତି । ଏହି କାର୍ଯ୍ୟକ୍ରମରେ ରାଜ୍ୟ ସଭାପତି ରାଜୀବ ଚନ୍ଦ୍ରଶେଖରଙ୍କ ସମେତ ବରିଷ୍ଠ ବିଜେପି ନେତାମାନେ ଯୋଗ ଦେଇଥିଲେ ।

---

## ସୀତାରମଣ

ମେଘାଳୟଠାରେ ଅର୍ଥମନ୍ତ୍ରୀ ନିର୍ମଳା ସୀତାରମଣ ୧ ହଜାର ୮୭ କୋଟି ୮୧ ଲକ୍ଷ ଟଙ୍କାର ବିଭିନ୍ନ ପ୍ରକଳ୍ପର ଶିଳାନ୍ୟାସ ଓ ଉଦ୍‌ଘାଟନ କରିଛନ୍ତି । ସିଲଙ୍ଗ୍‌ର ଆନ୍ତର୍ଜାତିକ କଳା ଏବଂ ସଂସ୍କୃତି କେନ୍ଦ୍ର ଲାରିଟ୍ ଠାରେ ଅନୁଷ୍ଠିତ ଏକ ସମନ୍ୱିତ ସାଧାରଣ ସଭାରେ ଯୋଗଦେଇ ଶ୍ରୀମତୀ ସୀତାରମଣ କହିଛନ୍ତି, ମୁଖ୍ୟମନ୍ତ୍ରୀ କୋନରାଡ୍ କେ. ସାଙ୍ଗମାଙ୍କ ନେତୃତ୍ୱରେ ମେଘାଳୟରେ ଅର୍ଥନୈତିକ ଅଭିବୃଦ୍ଧି ହୋଇପାରିଛି । ସେ କହିଛନ୍ତି, କେନ୍ଦ୍ରୀୟ ସ୍ୱତନ୍ତ୍ର ସହାୟତା ରାଶି ଆବଣ୍ଟନ ସ୍ୱରୂପ ମେଘାଳୟକୁ ଦିଆଯାଇଥିବା ୫ ହଜାର ୪୦୦ କୋଟି ଟଙ୍କାର ପୂର୍ଣ୍ଣ ଉପଯୋଗ କରି ସରକାର ପ୍ରଶଂସିତ ହୋଇଛନ୍ତି ।

କେନ୍ଦ୍ର ସରକାର ଦେଉଥିବା ଆର୍ଥିକ ସହାୟତା ରାଶିଗୁଡ଼ିକୁ କେତେକ ରାଜ୍ୟ ଏହାର ପୂର୍ଣ୍ଣ ବିନିଯୋଗ କରିପାରୁ ନଥିବା ବେଳେ ମେଘାଳୟ କିନ୍ତୁ ଏଥିରେ ତାର ଦକ୍ଷତା ପ୍ରଦର୍ଶନ କରିପାରିଛି । ରାଜ୍ୟରେ ୫ଶହ ୪୦ କିଲୋମିଟରରୁ ଅଧିକ ସଡ଼କ ନିର୍ମାଣ ଉପରେ ଆଲୋକପାତ କରି ଅର୍ଥମନ୍ତ୍ରୀ କହିଛନ୍ତି, ୨୦୧୪ ପରଠାରୁ ୫ ଗୁଣରୁ ଅଧିକ ଅପ୍ଟିକାଲ୍ ଫାଇବର ବିଛାଇବାରେ ମେଘାଳୟ ସକ୍ଷମ ହୋଇପାରିଛି ।

ଜଳଜୀବନ ମିଶନ, ପ୍ରଧାନମନ୍ତ୍ରୀ ଆବାସ ଯୋଜନା, ଜୀବନଜ୍ୟୋତି ବୀମା ଯୋଜନା, ସ୍ୱଚ୍ଛ ଭାରତ ମିଶନ ଏବଂ ଅନ୍ୟାନ୍ୟ ଯୋଜନାରେ ରାଜ୍ୟର ପ୍ରଦର୍ଶନ ପାଇଁ ଅର୍ଥମନ୍ତ୍ରୀ ପ୍ରଶଂସା କରିଛନ୍ତି । ଏହି ଅବସରରେ ମୁଖ୍ୟମନ୍ତ୍ରୀ ଶ୍ରୀ ସାଙ୍ଗମା କହିଛନ୍ତି, ଅର୍ଥମନ୍ତ୍ରୀଙ୍କ ମେଘାଳୟ ଗସ୍ତ କେବଳ ଏକ ସରକାରୀ କାର୍ଯ୍ୟକ୍ରମରେ ସୀମିତ ନୁହେଁ, ବରଂ ସେ ରାଜ୍ୟର ଅଧିବାସୀମାନଙ୍କ ସହ ସଂପର୍କ ସ୍ଥାପନ କରିବା ପାଇଁ ଏକ ଅବସର ସୃଷ୍ଟି ହୋଇଛି । ତାଙ୍କ ଗସ୍ତ କାଳରେ ଶ୍ରୀମତୀ ସୀତାରମଣ ଲୋକମାନଙ୍କ ସମସ୍ୟା ସଂପର୍କରେ ଅବଗତ ହେବା ସହ ରାଜ୍ୟର ବିକାଶ ସଂପର୍କରେ ମାର୍ଗଦର୍ଶନ କରିଛନ୍ତି ବୋଲି ମୁଖ୍ୟମନ୍ତ୍ରୀ କହିଛନ୍ତି ।

---

## ଏମ୍‌ଇଏ-ଟେରରିଜମ୍

ଶାନ୍ତି ଏବଂ ସୁରକ୍ଷା ପ୍ରତି ଭାରତ ନିଜର ପ୍ରତିବଦ୍ଧତାର ପ୍ରଦର୍ଶନ ସ୍ୱରୂପ ଆତଙ୍କବାଦ ଦମନ କାର୍ଯ୍ୟ ମାଧ୍ୟମରେ ୨୬ଟି ଦେଶକୁ ସାମିଲ କରି ଆତଙ୍କବାଦୀ ବିରୋଧୀ ପ୍ରୟାସରେ ନିଜର ଯୋଗଦାନକୁ ଦୃଢ଼ କରିଛି । ବୈଦେଶିକ ବ୍ୟାପାର ମନ୍ତ୍ରଣାଳୟର ୨୦୨୪ ବାର୍ଷିକ ରିପୋର୍ଟ ଅନୁଯାୟୀ, ଏହି ରଣନୈତିକ ଆଲୋଚନା ଆତଙ୍କବାଦ ବିପଦର ମୁକାବିଲା ପାଇଁ ଅନ୍ତର୍ଜାତୀୟ ସହଯୋଗ ଉପରେ ଭାରତ ଗୁରୁତ୍ୱାରୋପ କରିଛି । ବିମ୍‌ଷ୍ଟେକ୍, ଜି-୨୦, ଏସୀୟ ଆଞ୍ଚଳିକ ପରିଷଦ, ଏସୀୟ, ବ୍ରିକ୍ସ, ଇୟୁ, ଏଫ୍‌ଏଟିଏଫ୍ ଏବଂ ଆତଙ୍କବାଦ ବିରୋଧୀ କ୍ୱାଡ୍ ପରିଷଦ ଭଳି ଆଞ୍ଚଳିକ ଏବଂ ବହୁପକ୍ଷ ସଂସ୍ଥା ସହ ଭାରତ ଜଡ଼ିତ ରହିଛି । ଆମେରିକା, କାଜାଖସ୍ତାନ, ଫ୍ରାନ୍ସ, ୟୁରୋପୀୟ ସଂଘ, ବ୍ରିଟେନ୍, ଜାପାନ, ଅଷ୍ଟ୍ରେଲିଆ, ଇଣ୍ଡୋନେସିଆ, ସାଉଦି ଆରବ ଏବଂ ରୁଷ୍ ସହିତ ମିଶି ଆତଙ୍କବାଦ ବିରୋଧୀ ମିଳିତ କାର୍ଯ୍ୟଗୋଷ୍ଠୀ ବୈଠକ ଅନୁଷ୍ଠିତ ହୋଇଥିଲା । ବେଜିଂଠାରେ ଅନୁଷ୍ଠିତ ସାଂଘାଇ ସହଯୋଗ ପରିଷଦର ଆଞ୍ଚଳିକ ଆତଙ୍କବାଦ ବିରୋଧୀ ବୈଠକରେ ଭାରତ ଆଇନ ବିଶେଷଜ୍ଞମାନଙ୍କ ସହ

ଆଲୋଚନା କରିଥିଲା । ଚୋରା ନିଶା କାରବାର ନିରୋଧୀ ଅଭିଯାନ ଉପରେ ବିମ୍‌ଷ୍ଟେକ୍ ଉପଗୋଷ୍ଠୀର ଅଷ୍ଟମ ବୈଠକ ମଧ୍ୟ ଭାରତ ଆୟୋଜନ କରିଥିଲା ।

## ଇଣ୍ଡିଆ-ୟୁନେସ୍କୋ

ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀ ମରାଠା ସାମରିକ ଭୂ ଦୃଶ୍ୟକୁ ୟୁନେସ୍କୋ ବିଶ୍ୱ ଐତିହ୍ୟ ତାଲିକାରେ ସ୍ଥାନୀତ କରାଯାଇଥିବାରୁ ଏହାର ପ୍ରଶଂସା କରିଛନ୍ତି । ସାମାଜିକ ଗଣମାଧ୍ୟମରେ ପୋଷ୍ଟ କରି ଶ୍ରୀ ମୋଦୀ କହିଛନ୍ତି, ପ୍ରତ୍ୟେକ ଭାରତୀୟ ଏହି ମାନ୍ୟତା ମିଳିଥିବାରୁ ଆନନ୍ଦ ପ୍ରକାଶ କରିଛନ୍ତି । ଶ୍ରୀ ମୋଦୀ କହିଛନ୍ତି, ମରାଠା ସାମରିକ ଭୂ ଦୃଶ୍ୟରେ ୧୨ଟି ରାଜକୀୟ ଦୁର୍ଗ ଅନ୍ତର୍ଭୁକ୍ତ ରହିଛି, ଯାହା ମଧ୍ୟରୁ ୧୧ଟି ମହାରାଷ୍ଟ୍ରରେ ଏବଂ ଗୋଟିଏ ତାମିଲନାଡୁରେ ରହିଛି । ଭାରତର ୪୪ତମ ଐତିହ୍ୟସ୍ଥଳୀ ଭାବରେ ଏହି ସମ୍ମାନଜନକ ମାନ୍ୟତା ମିଳିଛି । ଭାରତର ସାଂସ୍କୃତିକ ଐତିହ୍ୟକୁ ଲୋକଲୋଚନକୁ ଆଣିବା କ୍ଷେତ୍ରରେ ଏବଂ ଐତିହାସିକ ମୂଲ୍ୟବୋଧକୁ ସ୍ୱୀକୃତି ଦେବା କ୍ଷେତ୍ରରେ ଏହା ମାନ୍ୟତା ପ୍ରଦାନ କରିଥାଏ । ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀ, କେନ୍ଦ୍ର ସଂସ୍କୃତିମନ୍ତ୍ରୀ ଗଜେନ୍ଦ୍ର ସିଂ ଶେଖାୱାତ ଏବଂ ମହାରାଷ୍ଟ୍ର ମୁଖ୍ୟମନ୍ତ୍ରୀ ଦେବେନ୍ଦ୍ର ଫଡନବିସ୍ ଏହି ଐତିହାସିକ ସଫଳତାକୁ ପ୍ରଶଂସା କରିଛନ୍ତି ଓ ଦେଶବାସୀଙ୍କୁ ଶୁଭେଚ୍ଛା ଜଣାଇଛନ୍ତି ।

## ଏୟାର ଇଣ୍ଡିଆ କ୍ରାସ- ପ୍ରି.ରିପୋର୍ଟ

ଅହମ୍ମଦାବାଦ ଏୟାର ଇଣ୍ଡିଆ ବିମାନ ଦୁର୍ଘଟଣାର ପ୍ରାଥମିକ ତଦନ୍ତ ରିପୋର୍ଟ ଗତକାଲି ସନ୍ଧ୍ୟାରେ ସାର୍ବଜନୀନ କରାଯାଇଛି । ଗତମାସ ୧୨ ତାରିଖରେ ଏହି ବିମାନ ଦୁର୍ଘଟଣାରେ ୨୬୦ ଜଣଙ୍କର ମୃତ୍ୟୁ ଘଟିଥିଲା ।

ବିମାନ ଦୁର୍ଘଟଣା ତଦନ୍ତକାରୀ ସଂସ୍ଥା ତା'ର ୧୫ ପୃଷ୍ଠା ସମ୍ବଳିତ ତଦନ୍ତ ରିପୋର୍ଟରେ ଏ.ଆଇ. ୧୭୧ ଏୟାର ଇଣ୍ଡିଆ ବିମାନର ବୋଇଙ୍ଗ୍ ୭୮୭-୮ ଇଞ୍ଜିନ୍‌ର କାର୍ଯ୍ୟଧାରା ଏବଂ ଦୁର୍ଘଟଣା ସମୟର ବିବରଣୀ ପ୍ରଦାନ କରିଛି ।

ରିପୋର୍ଟ ଅନୁଯାୟୀ ବିମାନ ଉଡ଼ାଣ ଆରମ୍ଭ କରିବାର କିଛି ସେକେଣ୍ଡ ମଧ୍ୟରେ ଇନ୍ଧନ ନିୟନ୍ତ୍ରଣ କରୁଥିବା ବ୍ୟବସ୍ଥା ବନ୍ଦ ହୋଇଯାଇଥିଲା । ଯାହାଫଳରେ ଏହି ମର୍ମନ୍ତୁଦ ଦୁର୍ଘଟଣା ଘଟିଥିଲା । ପ୍ରାରମ୍ଭିକ ରିପୋର୍ଟ ଅନୁଯାୟୀ ୨ଜଣ ପାଇଲଟଙ୍କ ମଧ୍ୟରୁ ଜଣେ ପାଇଲଟ୍ ଅନ୍ୟ ଜଣକୁ କାହିଁକି ଇନ୍ଧନ ବନ୍ଦ କଲେ ବୋଲି କହୁଥିବା କକ୍‌ପିଟ୍ ଭଏସ୍ ରେକର୍ଡରୁ ଶୁଣାଯାଇଥିଲା । ଅନ୍ୟ ପାଇଲଟ ଜଣକ କହିଥିଲେ ଯେ ସେ ଇନ୍ଧନ ଯୋଗାଣ ବ୍ୟବସ୍ଥାକୁ ବନ୍ଦ କରିନାହାନ୍ତି । ତଦନ୍ତକାରୀ ସଂସ୍ଥା କହିଛି, ଇନ୍ଧନ ନିୟନ୍ତ୍ରଣ କରୁଥିବା ସ୍ୱିଚ୍‌କୁ ପୁଣି କାର୍ଯ୍ୟକ୍ଷମ କରାଯାଇଥିଲେ ମଧ୍ୟ ଗୋଟିଏ ଇଞ୍ଜିନ୍ ବନ୍ଦ ହୋଇଯାଇଥିବାରୁ ତାହାକୁ କାର୍ଯ୍ୟକ୍ଷମ କରାଯାଇ ପାରିନଥିଲା । ବିମାନ ଉଡ଼ାଣ ଆରମ୍ଭ କରିବା ଏବଂ ଦୁର୍ଘଟଣାଗ୍ରସ୍ତ ହେବା ମଧ୍ୟରେ ୩୦ ସେକେଣ୍ଡ୍‌ର ଅବଧି ରହିଥିଲା । ରିପୋର୍ଟରେ କୁହାଯାଇଛି, ସେହି ବିମାନରେ ଥିବା ଦୁଇଜଣ ପାଇଲଟ୍ ଉଡ଼ାଣ କରିବା ପୂର୍ବରୁ ଯଥେଷ୍ଟ ବିଶ୍ରାମ ନେଇଥିଲେ । ଏହି ତଦନ୍ତ ରିପୋର୍ଟରେ ୭୮୭-୮ ବୋଇଙ୍ଗ୍ ଏବଂ ଜେନେକ୍ସ ୱାନ୍-ବି ଇଞ୍ଜିନ୍ ପରିଚାଳକଙ୍କ ବିରୁଦ୍ଧରେ କୌଣସି କାର୍ଯ୍ୟାନୁଷ୍ଠାନ ବିଷୟରେ ସୂଚନା ଦିଆଯାଇ ନାହିଁ । ବିମାନର ତୈଳ ଟ୍ୟାଙ୍କ ଏବଂ ଅନ୍ୟାନ୍ୟ ଯନ୍ତ୍ରାଂଶରୁ ଇନ୍ଧନ ନମୁନା ସଂଗ୍ରହ କରାଯାଇ ବେସାମରିକ ବିମାନ ଚଳାଚଳ

ନିର୍ଦ୍ଦେଶାଳୟ ପରୀକ୍ଷାଗାରରେ ପରୀକ୍ଷା କରାଯାଇଛି ଏବଂ ଏହା ସନ୍ତୋଷଜନକ ରହିଛି ।

ଅନ୍ୟପକ୍ଷରେ ତଦନ୍ତକାରୀ ସଂସ୍ଥା ଦୁର୍ଘଟଣାର ଅନ୍ୟାନ୍ୟ ଦିଗ ବିଷୟରେ ତଦନ୍ତ ଜାରି ରଖିଥିବା କୁହାଯାଇଛି ।

# ଟେଷ୍ଟ କ୍ରିକେଟ୍

ଲର୍ଡସ୍‌ଠାରେ ଅନୁଷ୍ଠିତ ଆଣ୍ଡରସନ-ତେନ୍ଦୁଲକର ଟ୍ରଫିର ତୃତୀୟ କ୍ରିକେଟ୍ ଟେଷ୍ଟ ମ୍ୟାଚ୍‌ର ଆଜି ତୃତୀୟ ଦିନରେ ଭାରତ ପ୍ରଥମ ଇନିଂସ ୩ ୱିକେଟ୍‌ରେ ୧୪୫ ରନ୍‌ରୁ ବ୍ୟାଟିଂ ଆରମ୍ଭ କରିବ । ଭାରତୀୟ ସମୟ ଅପରାହ୍ନ ୩ଟା ୩୦ ମିନିଟ୍‌ରେ ମ୍ୟାଚ୍ ଆରମ୍ଭ ହେବ । ଇଂଲଣ୍ଡ ପ୍ରଥମ ଇନିଂସରେ ୩୮୭ରନ୍ ସ୍କୋର କରିଥିବା ବେଳେ ଭାରତ ୨୪୨ ରନ୍ ପଛରେ ରହିଛି ।

ଗତକାଲି ଦ୍ୱିତୀୟ ଦିନରେ ଯଶପ୍ରୀତ୍ ବୁମ୍‌ରା ପ୍ରଥମ ୫ଟି ୱିକେଟ୍ ହାସଲ କରିଥିଲେ । ଭାରତର ପ୍ରଥମ ଇନିଂସରେ ଯଶସ୍ୱୀ ଜୟସ୍ୱାଲ ୧୩ ରନ୍ କରି ଆଉଟ୍ ହୋଇଥିବା ବେଳେ କେ.ଏଲ୍. ରାହୁଲ ଏବଂ କରୁଣ ନାୟାରଙ୍କ ୫୦ ରନ୍ ଇନିଂସ୍‌କୁ ସ୍ଥିରତା ଦେଇଥିଲା ।

୫ ମ୍ୟାଚ୍ ବିଶିଷ୍ଟ ଏହି ଟେଷ୍ଟ ସିରିଜ୍ ବର୍ତ୍ତମାନ ୧-୧ରେ ସମାନ ସ୍ଥିତିରେ ରହିଛି ।